ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ଅଗଷ୍ଟ, ୨୦୨୩

**ବିଏମ୍‌ସି ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ**

ବ୍ରହ୍ମପୁର,୨୯।୮(ତନୁଶ୍ରୀ ନାହାକ) ସ୍ୱାୟତ୍ତ ସାଶନ ଦିବସ ଉପଲକ୍ଷେ ବିଏମ୍‌ସି ପକ୍ଷରୁ ସୋମବାର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ କର୍ପୋରେଟର ଏକାଦଶ ଓ ମିଡ଼ିଆ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିଡ଼ିଆ ଏକାଦଶକୁ ହରାଇ କର୍ପୋରେଟର ଏକାଦଶ ବିଜୟ ଲାଭ କରିଥିଲା।



## ସଂକ୍ଷେପରେ

### ମହିଳାଙ୍କ ୬୧ଲକ୍ଷ ଟଙ୍କା ଠକେଇ ଅଭିଯୋଗ

ବ୍ରହ୍ମପୁର,୨୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ଘର ବିକ୍ରି କରିବା ଆଳରେ ଜଣେ ବ୍ୟକ୍ତି ଜଣେ ମହିଳାଙ୍କ ଠାରୁ ୬୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଟାଉନ ଥାନା ଅନ୍ତର୍ଗତ ମିଲିଟାରୀଲାଇନ ନିକଟ ରଘୁନାଥପେଟା ସାହିର ଶିବରାମ ସାହୁଙ୍କ ସ୍ତ୍ରୀ ପ୍ରମିଳା ଠକାମୀର ଶିକାର ହୋଇଥିଲେ। ସେ କୋର୍ଟରେ ୱାନ ସିସି ମାମଲା ରୁଜୁ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଟାଉନ ଥାନା ପୋଲିସ ୩୨୯/୨୩ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରମିଳା ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ଅଭିଯୁକ୍ତ ଜଣେ ବ୍ୟବସାୟୀ। ତାଙ୍କ ସହ ପୂର୍ବରୁ ପରିଚିତ। ୱାନ୍ ୱେ ଟ୍ରାଫିକ ରୋଡରେ ଅଭିଯୁକ୍ତଙ୍କ ଏକ ଘର ଅଛି। ବ୍ୟବସାୟ ପାଇଁ ଟଙ୍କା ଆବଶ୍ୟକ ପଡିବାରୁ ସେ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଘର ବିକ୍ରି ବିଷୟରେ କହିଥିଲେ। ୨୦୧୭ ଫେବୃୟାରୀ ୧୬ ତାରିଖରେ ଅଭିଯୁକ୍ତ ମହିଳାଙ୍କ ଠାରୁ ୫୧ ହଜାର ଟଙ୍କା ନେଇଥିଲେ। ଏହାପରେ ଏପରି ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତ ଜଣଙ୍କ ମହିଳାଙ୍କ ଠାରୁ ୬୧ ଲକ୍ଷ ଟଙ୍କା ନେଇଛନ୍ତି। ହେଲେ ଏଯାବତ ଘର ମିଳିପାରିଲାନି। ଟଙ୍କା ମାଗିଲେ ଅଭିଯୁକ୍ତ ହତ୍ୟା ଧମକ ଦେବାରୁ ମହିଳା ଜଣଙ୍କ କୋର୍ଟରେ ଆଶ୍ରୟ ନେଇଥିଲେ।

### ଭିନ୍ନକ୍ଷମଙ୍କୁ ସହାୟତା କଲା ପ୍ରଶାସନ

ଖଲ୍ଲିକୋଟ,୨୯।୮(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବଡ଼ରାମପଲ୍ଲୀ ଗ୍ରାମର ଭିନ୍ନକ୍ଷମ ଧୁଶାସନ ବେହେରାଙ୍କୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ୩୦୦୦୦ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଅଗଷ୍ଟ ୨୬ରେ ୫-ଟି ସଚିବ ଖଲ୍ଲିକୋଟ ଗସ୍ତରେ ଆସି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ସେହି ସମୟରେ ଧୁଶାସନ ଗୁରୁଣ୍ଡି ଗୁରୁଣ୍ଡି ଯାଇ ୫-ଟି ସଚିବଙ୍କୁ ଗୁହାରି ଜଣାଇଥିଲେ। ୨୯ ତାରିଖରେ ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ, ଖଲ୍ଲିକୋଟ ବିଡିଓ ବିକ୍ରମ କୁମାର ଦୋରା, ରେଭିନ୍ୟୁ ସୁପରଭାଇଜର ତିଲୋଚନ ବିଶ୍ୱାଳ ପ୍ରମୁଖ ବଡ଼ରାମପଲ୍ଲୀ ସ୍ଥିତ ଧୁଶାସନଙ୍କ ଘରେ ପହଞ୍ଚି ତାଙ୍କ ସହିତ ଆଲୋଚନା କରିବା ସହ ଚେକ ପ୍ରଦାନ କରିଥିଲେ।

### ଭରତ ପତି ମହାବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ

ପାତ୍ରପୁର,୨୯।୮(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତପତି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଜାତୀୟ କ୍ରୀଡା ଦିବସ ଅଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କିମ୍ବଦନ୍ତୀ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କୁ ସମସ୍ତେ ସ୍ମରଣ କରିଥିଲେ। ସାଇକିରଣ ସାହୁ, ନୀଳଗିରି ହେମନ୍ତ, ଏମ. ମେଘନାଦ, କେ.କ୍ଷେତ୍ରବାସୀ, ନନ୍ଦନ କୁମାର ସାହୁ, ରଘୁନାଥ ସାହୁ, ଦୀପ୍ତିରାଣୀ ପଣ୍ଡା, ଅନିଶା କୁମାରୀ ସାହୁ, ଏମ. ରୋଜାଲିନ ସୁବୁଦ୍ଧି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପୂର୍ବରୁ ଜାତୀୟ ସ୍ତରରେ କୃତିତ୍ୱ ଲାଭ କରିଥିବା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରୀଡା ସଂସଦର ଉପସଭାପତି କେ.ଶ୍ରୀନିବାସ ରାଓ, ବିଶ୍ୱଭାରତୀ ସାହୁ, ଡ.ଅଶୋକ ପଣ୍ଡା, ଡ଼ ଜୟ ପ୍ରକାଶ ପାଢ଼ୀ ପ୍ରମୁଖଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ଉପସ୍ଥିତ ରହିଥିଲେ।

### ଯୋଗାଣ ସହାୟକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ପୋଲସରା,୨୯।୮(ସୁବ୍ରତ ବେହେରା)

ପୋଲସରା ବ୍ଲକର ୨୬ ପଞ୍ଚାୟତରେ କାର୍ଯ୍ୟରତ ଥିବା ଯୋଗାଣ ସହାୟକମାନେ ୬ ଦଫା ଦାବି ନେଇ ବିଡିଓ ଧର୍ମରାଜ ପରିଡ଼ାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ କାର୍ଯ୍ୟବନ୍ଦ କରିଛନ୍ତି। ଯୋଗାଣ ସହାୟକ ମାନେ ସ୍ଥାୟୀ ଚାକିରି ପାଇଁ ସରକାରଙ୍କୁ ଅବଗତ କରିଥିଲେ ହେଁ ଆଜି ଯାଏ ସୁଫଳ ମିଳିପାରିନାହିଁ। ୬ ଦଫା ଦାବି ମଧ୍ୟରେ ସ୍ଥାୟୀ ଚାକିରୀ, ମାସିକ ଦରମା ୨୫୦୦୦ଟଙ୍କାକୁ ବୃଦ୍ଧି କରାଯାଉ, ଯୋଗାଣ ସହାୟକଙ୍କ ନାମରେ ପିଡିଏସ୍ ଲାଇସେନ୍ସ ଦିଆଯାଉ, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଉ ଆଦି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ବ୍ଲକ ସଭାପତି ମଦନ ମୋହନ ସାହୁ, ରାଜେଶ ସ୍ୱାଇଁ, ଅମରନାଥ ଜେନା, ହେମନ୍ତ କୁମାର ନାହାକ ପ୍ରମୁଖ ସମସ୍ତ ଯୋଗାଣ ସହାୟକ ଉପସ୍ଥିତ ଥିଲେ।

# ଖାଲି ପଡ଼ିଛି ୭୦ରୁ ଅଧିକ ଆସିଷ୍ଟାଣ୍ଟ ପଦବୀ

## ବିଏମ୍‌ସିରେ ନୂଆ କର୍ମଚାରୀ ନିଯୁକ୍ତି କରାଯାଉ

ବ୍ରହ୍ମପୁର,୨୯।୮(ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଗଠନର ୧୫ ବର୍ଷ ପୂରିଛି। ପ୍ରଶାସନିକ କାର୍ଯ୍ୟ ବଢ଼ି ଚାଲିଛି। ନିଗମରେ ଆବଶ୍ୟକ କର୍ମଚାରୀ ଅଭାବ ସମସ୍ୟା ସୃଷ୍ଟି କରିଛି। ସରକାର କଟକଣା ଯୋଗୁ ନୂଆ ନିଯୁକ୍ତି ହୋଇପାରୁନାହିଁ। ଫଳରେ କେତେକ ଅବସର କର୍ମଚାରୀଙ୍କୁ ପୁନଃ ଥଇଥାନ କରାଯାଇଛି। ଇତିମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ ପାଇଁ ୪୧୬ ନୂଆ ପଦବୀ ଲାଗି ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ମିଳିଛି। ତେଣୁ ବିଏମସି ନିମନ୍ତେ କର୍ମଚାରୀ ସଂଖ୍ୟା ବଢ଼ାଇବାକୁ ନିର୍ବାଚିତ କର୍ପୋରେଟରଙ୍କ ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ୨୦୨୨ ଅଗଷ୍ଟ ୨୬ରେ ବିଏମସିର ସାଧାରଣ ବୈଠକରେ ଏହି ପ୍ରସଙ୍ଗ ନେଇ ତୁମୁଳ ହଟ୍ଟଗୋଳ ହୋଇଥିଲା। ଅବସରଙ୍କ କାର୍ଯ୍ୟକାଳ ନ ବଢ଼ାଇ ତୁରନ୍ତ ନୂଆ ନିଯୁକ୍ତି ସୃଷ୍ଟି କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଏହାର ଗୋଟିଏ ବର୍ଷ ବିତିଛି। କର୍ପୋରଟରଙ୍କ ଦାବି ପ୍ରତି ଅଣଦେଖା କରାଯାଇଛି। ଅବସରଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଛି। ଗତବର୍ଷର ବୈଠକରେ ବିଜେଡି କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ ଓ ଭାଜପା କର୍ପୋରେଟର ପ୍ରଦୀପ ଶତପଥୀ ଏହି ପ୍ରସଙ୍ଗ ଉଠାଇଥିଲେ। ସେତେବେଳେ ବୈଠକରେ ଏମପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ ପଣ୍ଡା ଉପସ୍ଥିତ ଥିଲେ। କଟକଣା କୋହଳ କରି ନୂଆ ନିଯୁକ୍ତି ପାଇଁ ସରକାରଙ୍କ ଦୃଷ୍ଟିକୁ ନିଆଯିବାର ମେୟର ସଂଘମିତ୍ରା ଦଳାଇ ଓ ବିଧାୟକ ପଣ୍ଡା ସୂଚାଇଥିଲେ। ନିଗମରେ ଅତିରିକ୍ତ କମିଶନର ପଦ ଖାଲି ପଡ଼ିଛି। ଦୀର୍ଘବର୍ଷରୁ ବିଇଡିଏର ସଚିବ ଥିବା ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ମଞ୍ଜୁରୀ ପଦବୀ ୮୩ରୁ ୬୭ ଖାଲି ପଡ଼ିଥିବା ଜଣାପଡ଼ିଥିଲା। ମାଲ ମାଲ ଇଞ୍ଜିନିୟର ଥିବା ସତ୍ତ୍ୱେ ଅନ୍ୟ ପଦଗୁଡ଼ିକ କାହିଁକି ପୂରଣ

**ନିର୍ବାଚିତ କର୍ପୋରେଟରଙ୍କ ଦାବି**

କରାଯାଉନି ତାହା ପ୍ରଶ୍ନବାଚୀ ହୋଇଛି।

ନିଗମରେ ଜୁନିୟର ଆସିଷ୍ଟାଣ୍ଟ ପଦବୀ ୫୫ରୁ ଏବେ ଅଛନ୍ତି ମାତ୍ର ୫ ଜଣ। ସିନିୟର ଆସିଷ୍ଟାଣ୍ଟ ୨୧ରୁ ଅଛନ୍ତି ୧୧ ଜଣ। ୭ ହେଡ ଆସିଷ୍ଟାଣ୍ଟ ବଦଳରେ ଜଣେ ଅଛନ୍ତି। ପ୍ରଶାସନିକ କାର୍ଯ୍ୟ ଚଳାଇବା ପାଇଁ ପୌର ପ୍ରଶାସନର ଅନୁମତି ନେଇ ଅବସରଙ୍କୁ ଥଇଥାନ କରାଯାଉଛି। ବିଏମସିର ବିକାଶ ନିମନ୍ତେ ସରକାର ବିପୁଳ ପରିମାଣର ଅନୁଦାନ ମଞ୍ଜୁର କରୁଛନ୍ତି। ତେବେ କର୍ମଚାରୀଙ୍କ ଅଭାବ ଦୂର ନିମନ୍ତେ ଆଖି ବୁଜି ଦେଇଛନ୍ତି। ଅନ୍ୟପକ୍ଷରେ ଥଇଥାନ କରାଯାଇଥିବା କେତେଜଣ ଅବସର କର୍ମଚାରୀଙ୍କୁ ବର୍ଷାଧିକ ହେବ ନିର୍ଦ୍ଧାରିତ କମ ଦରମା ମଧ୍ୟ ମିଳୁନଥିବା ଜଣାପଡ଼ିଛି। ବିନା ଦରମାରେ ସେମାନେ କାହିଁକି ଅଛନ୍ତି ତାହା ମଧ୍ୟ ରହସ୍ୟ ଘେରକୁ ଆସିଛି। ଭୁବନେଶ୍ୱର ଭଳି ତୁରନ୍ତ ବ୍ରହ୍ମପୁର ନିଗମ ଲାଗି ରାଜ୍ୟ ସରକାର ନୂଆ କର୍ମଚାରୀ ନିଯୁକ୍ତି କରିବାକୁ ଦଳମତ ନିର୍ବିଶେଷରେ ଅନେକ କର୍ପୋରେଟର ଦାବି କରିଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com

@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୨୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍-୧ ଡ. ଇନ୍ଦୁ ଶର୍ମା ମଙ୍ଗଳବାର ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ମୌଳାଭଞ୍ଜା ମୂଳ ନିବାସୀ ରାଜେନ୍ଦ୍ର ସେଠୀ। ଘଟଣା ବେଳେ ସେ କେ. ନୂଆଗାଁ ଥାନା ଅନ୍ତର୍ଗତ ନୂଆଗାଁରେ ରହୁଥିଲେ।

ଘଟଣାରୁ ପ୍ରକାଶ, ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ନମିତା ସେଠୀ କଟକରେ ରହୁଥିଲେ। ଏକ ଅଟୋ କିଣିବା ପାଇଁ ରାଜେନ୍ଦ୍ର ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ମିଳିବାରୁ ନମିତାଙ୍କୁ ହତ୍ୟା କରି ଜେଲ ଯାଇଥିଲେ। କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ଚୌଦ୍ୱାର ଜେଲରେ ୧୦ ବର୍ଷ ସଜା କାଟିବା ପରେ ରାଜେନ୍ଦ୍ର ଗଞ୍ଜାମ ଜିଲା କେ. ନୂଆଗାଁ ଫେରିଥିଲେ। ସେଠାରେ ଅସହାୟ ମହିଳା ଶୋଭା ନାଇକଙ୍କ ସହ ରହୁଥିଲେ। ସେ ସମୟରେ କେ. ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟର ରାତି ଜଗୁଆଳି ଥିବା ତ୍ରିନାଥ ପାତ୍ର ଶୋଭାଙ୍କୁ ଏକତରଫା ପ୍ରେମ କରୁଥିବା ରାଜେନ୍ଦ୍ର ଜାଣିବା ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗିରହିଥିଲା। କିଛିଦିନ ପରେ ଶୋଭାଙ୍କ ମୃତ୍ୟୁ ଘଟିଥିଲା। ତ୍ରିନାଥ ଗୁଣି କରି ଶୋଭାଙ୍କୁ ମାରିଦେଇଥିବା ରାଜେନ୍ଦ୍ର ସନ୍ଦେହ କରିଥିଲେ। ତେଣୁ ସେ ପ୍ରତିଶୋଧ ପରାୟଣ ହୋଇ ତ୍ରିନାଥଙ୍କୁ ୨୦୧୬ ଡିସେମ୍ବର ୨୯ ତାରିଖରେ ବାହୁଦା ନଦୀ ପଠାରେ ଏକ କାତିରେ ହାଣି ହତ୍ୟା କରି ଚମ୍ପଟ ମାରିଥିଲେ। ପୋଲିସ ତ୍ରିନାଥଙ୍କ ଭାଇ ଶଙ୍କରଙ୍କ ଅଭିଯୋଗ ଅନୁଯାୟୀ ୧୭୭/୧୬ ରେ ଏକ ମାମଲା ରୁଜୁ କରିଥିଲା। ୨୦୧୭ ଫେବୃୟାରୀ ୨୭ରେ ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ କଟକରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ରାଜେନ୍ଦ୍ରଙ୍କୁ ମଙ୍ଗଳବାର କଡା ସୁରକ୍ଷାରେ କୋର୍ଟକୁ ଅଣାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମକଦ୍ଦମା ପରିଚାଳନା କରୁଥିଲେ।

## ଡକାୟତି ଘଟଣା, ମହିଳା କୋର୍ଟ ଚାଲାଣ

ଗୋପାଳପୁର,୨୯।୮ (ନବୀନ ରାଜ ଆଚାରୀ)

ଗତ ୨୧ ତାରିଖରେ ଗୋଳନ୍ଥରା ଥାନା ୧୬ ନ ଜାତୀୟ ରାଜପଥରେ ଗାଈ ବୋଝେଇ ପିକଅପକୁ ଗୋ ସୁରକ୍ଷା ନାଁରେ ଅଟକାଇ ଚାଳକଙ୍କୁ ମାଡ ମାରି ଡକାୟତି କରାଯାଇଥିଲା। ଏହି ମାମଲାରେ ମଙ୍ଗଳବାର ଗୋଳନ୍ଥରା ପୋଲିସ ଜଣେ ମହିଳାଙ୍କୁ କୋର୍ଟ ଚାଲାଣ କରିଛି । ସେ ହେଲେ ବ୍ରହ୍ମପୁର ଗାନ୍ଧୀ ନଗର ୧୧ ଲାଇନରେ ସନ୍ତୋଷୀ ଦାସ। ଏହି ଘଟଣାରେ ୫ ଜଣ ଫେରାର ଅଛନ୍ତି। ସୂଚନା ଅନୁଯାଇ ଆନ୍ଧ୍ର ପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲାର ପି. ନାଗଭୂଷଣ ଏକ ପିକଅପ ଭ୍ୟାନ ଯୋଗେ ରାମପଲ୍ଲୀ ଗାଁରୁ ଏକ ଚାଷୀଠାରୁ ୯ଟି ଗାଈ ବାଛୁରୀ କିଣି ଆନ୍ଧ୍ରା ନେଉଥିବା ବେଳେ ହଳଦିଆପଦର ଓଭର ବ୍ରିଜ ନିକଟରେ ସନ୍ତୋଷୀ ସହ ରୋନାଲି ପାଣିଗ୍ରାହୀ ସମେତ ଚାରି ଜଣ ପୁରୁଷ ଗୋ ସୁରକ୍ଷା କର୍ମୀ ପରିଚୟ ଦେଇ ଗାଡି ଅଟକାଇ ଚାଳକଙ୍କୁ ମାଡ଼ ମାରି ୫୦ହଜାର ଟଙ୍କା ମାଗିଥିଲେ। ଭୟରେ ନାଗଭୁଷଣ ସନ୍ତୋଷୀଙ୍କ ଫୋନପେକୁ ୩୦ହଜାର ଟଙ୍କା ପଠେଇ ଥିଲେ ଏବଂ ବଳକା ଟଙ୍କା ଦେବାକୁ ସକ୍ଷମ ହୋଇ ନଥିଲେ। ପରେ ନିଜକୁ ଗୋ ସୁରକ୍ଷା କର୍ମୀ କହୁଥିବା ଅଭିଯୁକ୍ତମାନେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୪୧୧/୨୩ରେ ମାମଲା ରୁଜୁ କରି ୯ ଗାଈ ଏବଂ ବାଛୁରୀ ଉଦ୍ଧାର କରି ଗୋ ଶାଳାରେ ଜିମା ଦେଇଥିଲା। ପୁଣି ସନ୍ତୋଷୀ ଗାଡିକୁ ଥାନାରୁ ରିଲିଜ କରିବା ପାଇଁ ୨୦ହଜାର ମାଗିଥିଲେ। ନାଗଭୁଷଣ ଭୟଭୀତ ହୋଇ ସନ୍ତୋଷୀଙ୍କ ସ୍ୱାମୀଙ୍କ ଫୋନ ପେ ମାଧ୍ୟମରେ ୧୦ହଜାର ଟଙ୍କା ପଠେଇଥିଲେ। ଏ ନେଇ ଗତକାଲି ରାତିରେ ଚାଳକ ନାଗଭୁଷଣ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଥାନା କେଶ ନଂ ୪୨୨/୨ରେ ମାମଲା ରୁଜୁ କରି ସନ୍ତୋଷୀକୁ ଗିରଫ କରିଥିଲା।

## ହତ୍ୟା ଉଦ୍ୟମ ମାମଲା, ୪ ନିର୍ଦ୍ଦୋଷ

ବ୍ରହ୍ମପୁର,୨୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଲେଖ କୁମାର ପ୍ରଧାନ ମଙ୍ଗଳବାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ଲକ୍ଷ୍ମୀସାହିର ଅନିଲ କୁମାର ପଣ୍ଡା, ସାଗର ପାତ୍ର, ସାନ୍ତନୁ ବେହେରା ଓ ଅବିନାଶ ମହାନ୍ତି। ୨୦୨୧ ନଭେମ୍ବର ୫ ତାରିଖରେ ଅଭିଯୁକ୍ତମାନେ ବିଜିପୁର ବନ୍ଧ ସାହିର ଜଣେ ଯୁବତୀଙ୍କୁ କମେଣ୍ଟ ମାରିଥିଲେ। ଯୁବତୀଙ୍କ ଭାଇ ଓ ତାଙ୍କ ସାଙ୍ଗ ଏହାର ବିରୋଧ କରିବାରୁ ଅଭିଯୁକ୍ତମାନେ ଫେରିଯାଇଥିଲେ। ରାତିରେ ଯୁବତୀଙ୍କ ଭାଇ ଓ ତାଙ୍କ ସହଯୋଗୀ ଏକ ନିଛାଟିଆ ଜାଗାରେ ବସିଥିବାବେଳେ ଅନିଲ ଓ ତାଙ୍କ ସହଯୋଗୀ ମାନେ ପହଞ୍ଚି କାତିରେ ଉଭୟଙ୍କୁ କାତିରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ୨୩୪/୨୧ ରେ ଏକ ମାମଲା ରୁଜୁ କରି ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଅଭିଯୋଗଫର୍ଦ୍ଦ ଦାଖଲ କରିଥିଲେ। ମାମଲାର ବିଚାର ଚାଲିଥିବା ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ହେଲେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଜ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଭାକର ସାବତ ମାମଲା ପରିଚାଳନା କରିଥିଲେ।

## ମୃତ ଡାକ କର୍ମଚାରୀଙ୍କ ପରିବାରକୁ ବୀମାରାଶି ପ୍ରଦାନ

ଆସିକା,୨୯।୮(ସୁରେନ୍ଦ୍ର ନାଥ ସାହୁ)



ମୃତକଙ୍କ ପରିବାରକୁ ସହାୟତା ଚେକ ପ୍ରଦାନ କରାଯାଉଛି।

ଆସିକା ଡାକ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଭାଗର ଜଣେ ଦିବଂଗତ କର୍ମଚାରୀଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ସହାୟତା ପ୍ରଦାନ କରାଯାଇଛି। ବୀମା ସଂସ୍ଥା ଟାଟା ଏଆଇଜି ପକ୍ଷରୁ ପ୍ରଦତ୍ତ ଏହି ବୀମା ସହାୟତା ଚେକ ଡାକ ମଣ୍ଡଳ ଅଧିକ୍ଷକ କିରଣ ମାଳା ପଣ୍ଡା ମୃତକଙ୍କ ବାପା ଭଗବାନ ପ୍ରଧାନ ଓ ମା' ରଶ୍ମିତା ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏହି ଡାକ ମଣ୍ଡଳ ଅନ୍ତର୍ଗତ ଭଞ୍ଜନଗର ନିକଟସ୍ଥ ମଳାସପଦର ଶାଖା ଡାକଘରେ ବ୍ରାଞ୍ଚ ପୋଷ୍ଟମାଷ୍ଟର ଥିବା ଶଙ୍କର୍ଷଣ ପ୍ରଧାନ ଏକ କାର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସେ ମାତ୍ର ମାସିକ ୩୯୯ ଟଙ୍କା ବାନ୍ଧି ଏହି ବୀମା କରିଥିବା ଯୋଗୁ ଏହି ବୀମା ରାଶି ମିଳିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଭଞ୍ଜନଗର ଶାଖା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବୀମା ସଂସ୍ଥାର ବ୍ରହ୍ମପୁର ଶାଖା ପରିଚାଳକ ଆଶିସ ହୋତା, ଏରିଆ ମ୍ୟାନେଜର ରଞ୍ଜିତ ପଟ୍ଟନାୟକ, ଇଚ୍ଛାମୟ ପଟ୍ଟନାୟକ, ମନୋରଞ୍ଜନ ପାତ୍ର, ଅନୁପ ପାଣିଗ୍ରାହୀ, ଜିତେନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ପାଠୀ ପ୍ରମୁଖ ଡାକ କର୍ମଚାରୀ ସାମିଲ ଥିଲେ।

## ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମେଗା ନାମଲେଖା କ୍ୟାମ୍ପ




ନାମଲେଖା ଚାଲିଛି।

ବ୍ରହ୍ମପୁର,୨୯।୮(ତନୁଶ୍ରୀ ନାହାକ)

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଅଧାରୁ ପାଠ ଛାଡ଼ିଥିବା ତଥା ବାର୍ଷିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ମାଗଣାରେ ନାମଲେଖା ନିମନ୍ତେ ଜିଲାସ୍ତରୀୟ ମେଗା କ୍ୟାମ୍ପ ଆରମ୍ଭ ହୋଇଛି। ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କ୍ୟାମ୍ପରେ ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମ ଜିଲାର ୨୨ଟି ବ୍ଲକରୁ ପ୍ରାୟ ୧୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ରାଜେଶ କୁମାର ପ୍ରଧାନ, ସିଟି ହାଇସ୍କୁଲ ପ୍ରଧାନ ହଶିକ୍ଷକ ପନ୍ନାଗ ଭୁଷଣ ମାଝୀଙ୍କ ସମେତ ବିଭିନ୍ନ ବ୍ଲକର ସିଆରସିସି, ବିଇଓ ଓ ଏବିଇଓମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ନୀରିକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ।

## ଭୋଟର ତାଲିକା ପ୍ରସ୍ତୁତି ପାଇଁ ବିଜ୍ଞପ୍ତି ପ୍ରକାଶ

ଜି.ଉଦୟଗିରି,୨୯।୮(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନ୍ଏସିର ଉପ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁୟାରୀ ୨୦୨୩ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଜି.ଉଦୟଗିରି ଏନଏସି କାର୍ଯ୍ୟାଳୟ, ତହସିଲଦାର ଜି.ଉଦୟଗିରି ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସହିତ ସମ୍ପୃକ୍ତ ୱାର୍ଡର ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ରଖାଯାଇଥିବା ବେଳେ ଭୋଟର ମାନଙ୍କ ନାମ ସମ୍ପୃକ୍ତ ୱାର୍ଡରେ ଠିକ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି ନେବାକୁ ଅନୁରୋଧ କରାଯାଇଛି। ଚଳିତ ମାସ ୨୮ ତାରିଖରୁ ୪ ସେପ୍ଟେମ୍ବର ଯାଏ ଏହି ପ୍ରକ୍ରିୟା ଚାଲୁ ରହିବାକୁ ଥିବାବେଳେ ମଙ୍ଗଳବାର ଏନ୍ଏସି ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଛି।ଏହି କ୍ରମରେ ପଦାସାହିରେ ଏନ୍ଏସି ତରଫରୁ ଗଣେଶ ଜେନା, ଅଙ୍ଗନବାଡି ଦିଦି ରୁତୁମା ପ୍ରଧାନ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ତାଲିକା ଲଗାଇବା ସହିତ ସାହିବାସିନ୍ଦାଙ୍କୁ ସଚେତନ କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସ

ବ୍ରହ୍ମପୁର,୨୯।୮(ତନୁଶ୍ରୀ ନାହାକ)

ବ୍ରହ୍ମପୁର ସହର ଉପକଣ୍ଠସ୍ଥ ପୁରୁଣା ପାଟଣା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ପଣ୍ଡା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମେଜର ଧ୍ୟାନଚାନ୍ଦଙ୍କ ଭାରତର ଜାତୀୟ କ୍ରୀଡ଼ା ହକି ପ୍ରତି ଥିବା ତାଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ର ପାଠପଢ଼ା ସହ କ୍ରୀଡ଼ା କସରତ କେତେ ଜରୁରୀ ସେ ସମ୍ପର୍କରେ କହିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ହୋଇଥିଲା। କାର୍ଯ୍ୟକ୍ରମରେ ପବିତ୍ର ମୋହନ ପ୍ରଧାନ, ସୁନୀତା ମଲାଣ,ନିରଞ୍ଜନ ନାୟକ, ପ୍ରମିଳା ଶବର, ସିମାଦ୍ରୀ ଦାସ ସୂର୍ଯ୍ୟନାରାୟଣ ଆଚାରୀଙ୍କ ସମେତ ବିଦ୍ୟାଳୟର ଅନ୍ୟକର୍ମକର୍ତ୍ତା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପାନୀୟ ଜଳ ପ୍ରକଳ୍ପରେ ଅବ୍ୟବସ୍ଥା, ମହିଳାଙ୍କ ଆନ୍ଦୋଳନ

କୋଦଳା,୨୯।୮(ଅମିତ କୁମାର ପଟ୍ଟନାୟକ)



ଘେରାଉ କରିଛନ୍ତି ମହିଳା।

ବେଗୁନିଆପଡା ବ୍ଲକ ଦେଉଳିଆପଡା ଗ୍ରାମରେ ପାନୀୟ ଜଳର ଅବ୍ୟବସ୍ଥାକୁ ନେଇ ଜଳ ଓ ପରିମଳ କାର୍ଯ୍ୟାଳୟକୁ ଶତାଧିକ ମହିଳା ଘେରାଉ କରିଛନ୍ତି। ଦେଉଳିଆପଡାରେ ଥିବା ପାନୀୟ ଜଳ ପ୍ରକଳ୍ପରେ କେତେ ବେଳେ ବିଦ୍ୟୁତ କଟି ଯାଉଛି ତ କେତେ ବେଳେ ମଟର ଖରାପ ହୋଇଯାଉଛି କହି ମାସ ମାସ ଧରି ପାନୀୟ ଜଳ ବନ୍ଦ ରହୁଛି। ଫଳରେ ପୋଖରୀ ଜଳ ବ୍ୟବହାର କରିବା ପାଇଁ ବାଧ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସୋମବାର ଶତାଧିକ ମହିଳା ଉକ୍ତ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏଥିସହ ବିଭାଗିୟ ଅଧିକାରୀଙ୍କୁ ଏକାଧିକ ଥର ଅଭିଯୋଗ କରିଥିବା କହିଛନ୍ତି। ଆସନ୍ତା ଦୁଇଦିନ ମଧ୍ୟରେ ଜଳ ନ ମିଳିଲେ ହାଣ୍ଡି ମାଠିଆ ଧରି ଉକ୍ତ କାର୍ଯ୍ୟାଳୟକୁ ଘେରାଉ କରିବୁ ବୋଲି ମହିଳମାନେ କହି ଧାରଣାରୁ ପ୍ରତ୍ୟାହୃତ ହୋଇଥିଲେ। ଏ ସଂପର୍କରେ କନିଷ୍ଠଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ଦେଉଳିଆପଡାର ମଟର ଖରାପ ହୋଇଯାଇଛି। ଆସନ୍ତାକାଲି ଉକ୍ତ ମଟର ତିଆରି କରାଯାଇ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

### ୧,୮୫୯ କେଜି ଗଞ୍ଜେଇ ଜବତ ମାମଲା

ବ୍ରହ୍ମପୁର,୨୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ଅତିରିକ୍ତ ଜିଲା ଦୌରାଜଜ୍ -୩ ରାଜକୁମାର ଦାଶ ମଙ୍ଗଳବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ କ୍ରିଷ୍ଣା କୁମାରଙ୍କୁ ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ସଶ୍ରମ ଜେଲ ଭୋଗିବାକୁ ନିର୍ଦ୍ଦେଶ ହୋଇଛି।

୨୦୨୧ ଜାନୟାରୀ ୩୦ ତାରିଖରେ ୧୬ ନଂ. ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ ହଳଦିଆପଦର ଛକରେ ଯାନବାହନ ଯାଞ୍ଚ କରୁଥିଲା। ଟ୍ରକ ( ୟୁପି ୩୦ ଟି- ୦୩୦୪)କୁ ଅଟକାଇ ଟିମ ଯାଞ୍ଚ କରିବା ବେଳେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡ଼ିଥିଲା। ଉକ୍ତ ଟ୍ରକରୁ ୬୮ଟି ଜରି ବସ୍ତାରେ ପ୍ୟାକିଂ ହୋଇଥିବା ୧,୮୫୯ କେଜି ଗଞ୍ଜେଇ ଜବତ କରାଯିବା ସହ ଚାଲାଣକାରୀ ତଥା ଟ୍ରକ ଚାଳକ ଉତ୍ତରପ୍ରଦେଶ ହାତରାଜ ଜିଲା ମିର୍ଜାପୁରର କ୍ରିଷ୍ଣା କୁମାରଙ୍କୁ ଗିରଫ କରାଯାଇଥିଲା। ସେ ଉକ୍ତ ଗଞ୍ଜେଇ ମାଲକାନଗିରିରୁ ବ୍ରହ୍ମପୁର ଦେଇ ଉତ୍ତରପ୍ରଦେଶ ଚାଲାଣ କରୁଥିଲେ। ଜବତ ଗଞ୍ଜେଇ ଓ ଟ୍ରକର ମୂଲ୍ୟ ୧କୋଟି ୧୩ ଲକ୍ଷ ବୋଲି ଅବକାରୀ ଟିମ ସୂଚନା ଦେଇଥିଲା। ମାମଲା ନଂ.୧୭୭/୨୦-୨୧ରେ କ୍ରିଷ୍ଣା କୁମାରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପଟେ ଟ୍ରକ ମାଲିକ ଉତ୍ତର ପ୍ରଦେଶର ଅନିଲ କୁମାରଙ୍କୁ ୩ଥର ନୋଟିସ ହୋଇଥିଲେ ମଧ୍ୟ ସେ ହାଜର ହୋଇ ନ ଥିବା ଇନ୍ସପେକ୍ଟର ସାମନ୍ତ କହିଛନ୍ତି। ମାମଲାର ବିଚାର ବେଳେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମଙ୍ଗଳବାର ରାୟ ପ୍ରକାଶ ବେଳେ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା କ୍ରିଷ୍ଣା କୁମାରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜଜ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।

